ସାକେତବାବୁ,
ନମସ୍କାର ।

ଆପଣଙ୍କ ଉତ୍ତରପାଇଁ ଧନ୍ୟବାଦ । ତଳେ ଆପଣ ପଚାରିଥିବା ବା ନପଚାରିଥିବା କେତେକ ଉତ୍ତର ଦେଉଚି ।

ମରାଠୀରେ କୁଲିହାକୁ କୋହ୍‌ଲା (କୋହଲା ନୁହେଁ) କହଁତି । ଓଡିଆରେ ମଧ୍ୟ ଅଳସି (ଦକ୍ଷିଣ ଓଡିଶାରେ ଅଲସି) ଅଛି । ଆପଣଙ୍କ ଡେରିଭେଟିଭ୍ ପାରାର ଠିକ୍ ଉପରକୁଥିବା ପାରାରେ ନ, ନେ ଇତ୍ୟାଦିର ଆଲୋଚନା ଅଛି । ସେଥିପାଇଁ ମରାଠୀ ସହିତ ତା'ର ସାମ୍ୟ ଦେଖାଇଲି ।

ଏବର ଲେଖା-ଓଡିଆରେ ଖାଇବି, କରିବି, ଇତ୍ୟାଦି ଲେଖା ଯାଉଚି ଓ ତେଣୁ ପାଠ ପଢିଥିବା ପିଲେ ସେଭଳି କହୁଚଂତି । ମାତ୍ର ଉପକୂଳ ଓଡିଶା ତଥା ନିକଟସ୍ଥ (ପୂର୍ବତନ) ଦେଶୀୟ ରାଜ୍ୟ ମାନଂକରେ ଗାଁଗହଳରେ ସାଧାରଣ ଲୋକେ "ମୁଁ ଖାଇମି", "ମୁଁ କରିମି" କହୁଥିଲେ । ଏବେ ବି କହୁଥିବେ - ମୋର ଆଉ ଜାଣିବାର ସଂବଂଧ ନାହିଁ ।
ଆପଣ "ହାରିକା" "ହେରିକା" ଶବ୍ଦର ଉଲ୍ଲେଖ କରିଚଂତି । ମାତ୍ର ତାହା ବହୁବଚନ ଅର୍ଥରେ ବ୍ୟବହାର ହୁଏ ନାହିଁ । ତାହା "ଇତ୍ୟାଦି" ଅର୍ଥରେ ବ୍ୟବହାର ହୁଏ । "ରାମ ହେରିକା" ର ଅର୍ଥ ରାମ ଓ ଅନ୍ୟମାନେ । ବହୁବଚନ ନୁହେଁ ।

କୋସଲିରେ ବେଲ୍‌ସୁ କହଁତି । ଓଡିଆରେ ବେଳରୁ, ବେଳଠୁ,
ବେଳହୁଁ ଶବ୍ଦମାନ ସେଇ ଅର୍ଥରେ ବ୍ୟବହାର ହୁଏ ।
କୋସଲିରେ "ମାକେ ଭଲ୍ ଲାଗେ", "ତାକେ ଭଲ୍ ଲାଗେ" କହଂତି ।
ଓଡିଆରେ "ମତେ ଭଲଲାଗେ" ମାତ୍ର "ତାକୁ ଭଲଲାଗେ" ହୁଏ ।

ଯଦି ଓଡିଆ ଶବ୍ଦକୋଶ ମଫସଲରେ ସାଧାରଣ ମଳିମୁଂଡିଆ ଲୋକେ ଯେଉଁ ଭାଷା କହଂତି ତହିଁର ଶବ୍ଦ ସବୁ ମୂଳରୁ ଲିପିବଦ୍ଧ କରିଥାଆଂତେ ତେବେ ବିଭିନ୍ ଅଂଚଳର ଭାଷା, ବ୍ୟବହାର, ଉଚ୍ଚାର ଭିତରର ସାମଂଜସ୍ୟ ଓ ପାର୍ଥକ୍ୟ କଥା ସ୍ପଷ୍ଟ ଜଣାପଡିଥାଆଂତା । ଦୁର୍ଭାଗ୍ୟକୁ ତାହା ହେଲାନାହିଁ । ଯେଉଁମାନେ ପ୍ରଥମେ ଆଧୁନିକ ଓଡିଆ ସାହିତ୍ୟ ଲେଖିଲେ (ରାଧାନାଥ, ମଧୁସୂଦନ, ଗଂଗାଧର, ବିଶ୍ୱନାଥ କର, ଇତ୍ୟାଦି) ସେମାନେ ସଂସ୍କୃତ ଜାଣିଲାବାଲା ଥିଲେ ଓ ତାହାର ପ୍ରଭାବ ତାଂକ ଓଡିଆ ଲେଖା ଉପରେ ସ୍ପଷ୍ଟ । (ଭୀମା ଭୋଇ ମାତ୍ର, ମୋ ଜାଣିବାରେ, ସଂସ୍କୃତଜ୍ଞ ନଥିଲେ । ତଥାପି ସେ ବି ଯେଉଁ ଭାଷାରେ ଲେଖିଲେ ତାହା ଏବର ତାଂକ ଅଂଚଳର ସର୍ବସାଧାରଣଂକ ଭାଷା ନଥିଲା । କାରଣ କଅଣ ତାହାର ଆଲୋଚନା ମତେ କେଭେଁ ପଢିବାକୁ ମିଳିନି) । ଏହାଫଳରେ ସମଗ୍ର ରାଜ୍ୟର ବିଭିନ୍ନ ଅଂଚଳର ସ୍ଥାନୀୟ ଶବ୍ଦ ସଂଭାର, ଉଚ୍ଚାରଭେଦ, ବାକ୍ୟ ରଚନାର ଢଂଗ ଇତ୍ୟାଦି ସାହିତ୍ୟକୁ ଆସିଲାନାହିଁ । ସବୁ ଭାଷାରେ ମାନକ ଭାଷା (ଷ୍ଟାଂଡାର୍ଡ ଭାଷା)ର ନିର୍ମାଣ ଏହିଭଳି ହୋଇଥାଏ । ମାତ୍ର, ଏହାର ଗୋଟାଏ ବଡ ତ୍ରୁଟି

ହେଲା ଯେ ଅନେକ ସ୍ଥାନୀୟ ଶବ୍ଦ କ୍ରମେ ବ୍ୟବହାରରୁ ଯାଏ । ଫଳରେ, ମାନକ ଭାଷା ନୂଆ ଶବ୍ଦ ନିର୍ମାଣ କରିବସେ । ଦୁର୍ଭାଗ୍ୟ !

କୋସଲିର ସେଇ ଅବସ୍ଥା ହେବ । ଓଡିଆ ଅପେକ୍ଷା ତାହାର ଆଉ ଏକ ବଡ ଅସୁବିଧା ହେବ ଯେ ତାହାର ଏ ପର୍ଯଂତ କୌଣସି ବିଶେଷ ଲିଖିତ ସାହିତ୍ୟ ନାହିଁ । କୋସଲର ସବୁ ଲେଖକ, କବି, ଏ ପର୍ଯଂତ ଓଡିଆରେ ଲେଖିଚଂତି । ମାନକ କୋସଲି ଭାଷା ଉପରେ ତାହାର ପ୍ରଭାବ ପଡିବା ଅବଶଂଭାବି ।

ଏ କଥା ଭାବିଲା ବେଳକୁ ଆଉ ଗୋଟିଏ ଯୋଡ କଥା ଆଡକୁ ଲକ୍ଷ୍ୟ ଯାଏ । ଯାହା ଦିଶୁଚି, କୋସଲିର ସ୍ୱରବର୍ଣରେ ଦୀର୍ଘ ଚିହ୍ନ ଓ ଉଚ୍ଚାର ନାହିଁ: ଦୀର୍ଘ ଈ, ଊ ଦେଖାଯାଉନି । ଓଡିଆର ଅର୍ଧ ବ୍ୟଂଜନ - ଶ, ଷ, ଳ ନାହିଁ । ଓଡିଆରେ ଙ୍ଗ ଲିପି ନଥିଲା (ମୁଁ ଲେଖିଥିବା ଙ୍ଗ ଲିପି ଗୋପାଳ ପ୍ରହରାଜେ ତାଂକ ଭାଷାକୋଷ ପାଇଁ ଖାସ୍ ତିଆରି କରିଥିଲେ । କୋସଲିରେ ବି ନଥିବ ବୋଲି ଭାବୁଚି) । ୟାର ଯୁକ୍ତିଯୁକ୍ତତା ବିଷୟ୍ର ଅନେକ ସମୟ୍ରେ ଆଲୋଚିତ ହୋଇଚି । ପଂଡିତ ନୀଳକଂଠ ଦାସ କହୁଥିଲେ, ଓଡିଆଏ ଶ ଏବଂ ଷ ର ଉଚ୍ଚାରଣ କରୁନଥିବାରୁ ସେସବୁକୁ ଲିପିରୁ କାଢିଦେବା ଉଚିତ ହେବ । ସ୍ୱରବର୍ଣରେ ଦୀର୍ଘର ବି ସେଇ ଦଶା । ମାତ୍ର ତାହା ହୋଇନାହିଁ । ମୁଁ ରହିଲା ଭିତରେ ମରାଠୀରେ ମଧ୍ୟ ଏ ବାବଦରେ ବହୁ ଆଲୋଚନା ହୋଇ ମରାଠୀ ସାହିତ୍ୟ ପରିଷଦ ଶବ୍ଦରେ ହ୍ରସ୍ୱ, ଦୀର୍ଘର ବ୍ୟବହାରର ନିୟ୍ମ ବଦଳାଇଚଂତି । ଏବେ ଦୀର୍ଘ କେବଳ ଶବ୍ଦର ଶେଷରେ ଦିଆଯିବ, ମଝିରେ ଓ ଆରଂଭରେ ସବୁ ହ୍ରସ୍ୱ ହେବ । ମାତ୍ର ଦୀର୍ଘ କାଢିପକାଇବା ବିରୋଧରେ ମତ ।

ଏପରି ନ କରିବାର ଅନେକ କାରଣ ଅଛି । କେବଳ ହ୍ରସ୍ୱ ଦୀର୍ଘର ଫରକରେ ଶବ୍ଦର ଅର୍ଥ ବଦଳେ: ଦିନ, ଦୀନ, କୁଳ, କୂଳ । ଦୀର୍ଘ କାଢିଦେଲେ ଗୋଟିଏ ଶବ୍ଦର ବହୁ ବିଭିନ୍ନ ଅର୍ଥ ହେବ । ଭାଷାର ଉତ୍କର୍ଷ ଦୃଷ୍ଟିରୁ ଏହା ପ୍ରତିଗାମୀ । ଯାହା ହ୍ରସ୍ୱ ଦୀର୍ଘ ବାବଦରେ, ଠିକ୍ ସେଇଆ ସ, ଶ, ଷ ବାବଦରେ ।

ଉଚ୍ଚାର କରୁନେ ବୋଲି କାଢି ପକାଇଲେ ଆଉ ଏକ ଅସୁବିଧା ଅଛି: ଅନ୍ୟ ଭାଷାର ଉଚ୍ଚାରଣ । ହ୍ରସ୍ୱ, ଦୀର୍ଘ, ସ, ଶ, ଷ ସବୁର ଉଚ୍ଚାରଣ କରି ନଜାଣିଲେ ସଂସ୍କୃତ ଠିକ କହି ହେବନି । ଗୋଟିଏ ଘଟଣା କହୁଚି । ପୁଣେ ବିଶ୍ୱବିଦ୍ୟାଳୟର ପ୍ରଗତ ସଂସ୍କୃତ ଅଧ୍ୟୟନ କେନ୍ଦ୍ରକୁ ଲଂଡନ୍ ର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଓରିଏଂଟଲ୍ ଷ୍ଟଡିଜର ଜଣେ ସଂସ୍କୃତ ଅଧ୍ୟାପକ, ବଂଗାଳୀ ଭଦ୍ରବ୍ୟକ୍ତି, ତିନୋଟି ବିଶେଷ ଭାଷଣ ଦେବାପାଇଁ ନିମଂତ୍ରିତ ହୋଇ ଆସିଲେ । ପ୍ରଥମ ଦିନ ଆରଂଭରେ ସେ ନିଜଆଡୁ କହିଲେ ଯେ ସେ ସଂସ୍କୃତରେ କହିବେ । କାହାର ଆପତ୍ତି ନଥିଲା । ମାତ୍ର ତାଂକ ଭାଷଣ ଆରଂଭ ହେଲାର ପାଂଚ ମିନିଟ ପରେ ସେ ହଠାତ୍ କହିଲେ, ନାଇଁ, ମୁଁ ଇଂରାଜୀରେ କହିବି । ଟିକିଏ ରହି କହିଲେ, ମୁଁ ପ୍ରତି ମୁହୂର୍ତ୍ତରେ ସଂସ୍କୃତର ଖୁଣ୍ କରିପାରିବି ନାହିଁ । ସେ ଜାଣିଲେ ସେ ସଂସ୍କୃତ ଉଚ୍ଚାରରେ ପ୍ରଚଂଡ ଭୁଲ୍ କରୁଚଂତି; ମାତ୍ର ବଂଗାଳୀ ହୋଇଥିବାରୁ ନିରୁପାୟ । ଆଉ ଗୋଟିଏ ଘଟଣା: ବହୁ କାଳ ତଳେ ଆମେ ଏଠାର ଓଡିଆ ସବୁ ମିଶି ସରସ୍ୱତୀ ପୂଜା କରୁଥିଲୁ । ଥରେ ପୂଜାପରେ ପ୍ରତ୍ୟେକଜଣ ପୁଷ୍ପାଂଜଳି ଦେଲାବେଳେ " ଯା କୁଂଦେଂଦୁ ତୁଷାରହାର ଧବଳା...." ସ୍ତବ ବୋଲୁଥାଆଂତି । ଜଣେ ମରାଠୀ

ଭଦ୍ରମହିଳା, ଯିଏ ଓଡିଆ ବୁଝୁଥିଲେ, ସେଦିନ ସେଠାରେ ଉପସ୍ଥିତ ଥାଆଂତି । ଦିନଯାକ ବିଭିନ୍ନ ଓଡିଆଂକ ପୁଷ୍ପାଂଜଳି ବେଳର ସ୍ତବ ଶୁଣି ସେ ଶେଷକୁ ମତେ ପଚାରିଲେ, ଆହେ, ତମେ ସବୁ କେଉଁ ଭାଷାର ସ୍ତୋତ୍ର ବୋଲୁଥିଲ ? ଓଡିଆ ? ତେବେ କୁଂଦେଂଦୁ ସରସ୍ୱତୀ କୁଆଡେ ଯିବେ ବୋଲି କୁହାଗଲା ? ସଂସ୍କୃତ ଶ୍ଳୋକର ୟା ଜାଗାରେ ଯା ପ୍ରତ୍ୟେକ ଫଂକ୍ତିରେ ଶୁଣି ତାଂକୁ ଲାଗିଲା ଓଡିଆ ଶ୍ଳୋକ, ତେଣୁ ଅର୍ଥ ପଚାରିଲେ । ଆମେ ୟ ଜାଗାରେ ଯ, ଲ ଜାଗାରେ ଳ, ଵ ଜାଗାରେ ବ ବରାବର ସଂସ୍କୃତରେ ବ୍ୟବହାର କରୁଁ । ସଂସ୍କୃତ ଜାଣିଲାବାଲାଂକୁ ତାହା ସଂସ୍କୃତ ମନେହୁଏନାହିଁ । ଜୟଦେବଂକ (ସଂସ୍କୃତ) ଗୀତଗୋଵିଂଦ ବୋଲିଲାବାଲାଂକ ଭିତରୁ କେବଳ ରଘୁନାଥ ପାଣିଗ୍ରାହୀ ଓ ଏବେ କଟକର ଜଣେ ମୁସଲମାନ ମହିଳା ଠିକଣାରେ ବୋଲଂତି । କାରଣ, ରଘୁନାଥ ଦକ୍ଷିଣ ପଟର ପିଲା ଓ ମୁସଲମାନ ମହିଳା ଵ. ୟ, ଲ ର ଉଚ୍ଚାରଣ ଠିକଣା ଜାଣଂତି ।

ଖାଲି ସଂସ୍କୃତ ନହେଁ, ଇଂରାଜୀ ବାବଦରେ ବି ସେଇଆ । ଇଂରାଜୀରେ ସ ଓ ଶ ର ଉଚ୍ଚାରଣ ଭିନ୍ନ, ଉଚ୍ଚାରଣରେ ପ୍ରଭେଦ ନଥିଲେ ଶବ୍ଦର ଅର୍ଥ ବଦଳିଯିବ । ବଂଗାଳୀ ସବୁକୁ ଶ ଉଚ୍ଚାରଣ କରଂତି: ଗଡ୍ ସେଭ୍ (save) ଦ କ୍ୱୀନ୍ ସ୍ଥାନରେ ଗଡ୍ ଶେଭ୍ (shave) ଦ କ୍ୱୀନ୍ କହଂତି ! ଓଡିଆଏ ଠିକ୍ ଓଲଟା କରଂତି । ଦିହେଁ ଇଂରାଜୀର ଖୁଣ୍ କରଂତି ।

କେହି କହିପାରଂତି: ତାଂକ ଭାଷା ଠିକଣାରେ କହିବାପାଇଁ ଆମେ ଅଯଥା ଆମ ଭାଷାରେ ଅନୁପଯୁକ୍ତ ଲିପିସବୁ ଭର୍ତି କରିବାର

କାରଣ ନାହିଁ । ମାତ୍ର, ଆମେ ଏବେ ଇଂରାଜୀ ଲେଖି, ପଢ଼ି, କହି ଜାଣିବା ଆବଶ୍ୟକ ମନେ କରୁଛେଁ । ତେବେ, ଠିକଣାରେ ନ କହିପାରିଲେ ସବୁବେଳେ ଅପ୍ରସ୍ତୁତ ହେବା । ସେଇଥିପାଇଁ ଆମ ଭାଷାରୁ ସେ ସବୁ ଲିପି କାଢ଼ିପକାଇବା ପରିବର୍ତେ ତାହା (ଓଡିଆରେ) ଲେଖୁଥିବାରୁ ଉଚ୍ଚାରଣ ବି କରି ଶିଖିବା କୁ ଚେଷ୍ଟା କରିବା ଉଚିତ ବୋଲି ମତେ ଲାଗୁଚି । ଭବିଷ୍ୟତ ବଂଶଧର ମୋ ମତର ହେବେ ବୋଲି ମତେ ଲାଗୁଚି ।

ବାସ୍ତବରେ ମରାଠୀ ଭଳି ଭାଷା ତାଂକ ଭାଷାରେ ଉଚ୍ଚାରପାଇଁ ନଥିବା ଚିହ୍ନ ଙ୍କଂରାଜୀ ଶବ୍ଦର ନିଜଭାଷାରେ ଲେଖାବେଳେ ଠିକଣା ଉଚ୍ଚାରପାଇଁ ନୂଆ ଚିହ୍ନ ଆଜି ନୁହେଁ, ଶହେ ବର୍ଷ ତଳେ ନିର୍ମାଣ କଲେ । ଆମେ ଏହା ବିଚାର କରିବାର ନୁହେଁ କି ?

କହୁ କହୁ ବହୁତ କହି ପକାଇଲିଣି । ଅଜାଚିତ ମତ ପ୍ରଦର୍ଶନ ଲାଗି କ୍ଷମା କରିବେ ।

ନୀଳକଂଠ ରଥ.